

# ଜୀବନ କଥା

"Jibana Katha" KFI Cuttack Centre, Odia Newsletter

ମଇ - ଅଗଷ୍ଟ, ୨୦୧୫

## ଭଲ ପାଇବା

ପରେ ପରେ...
ଜେ. କ୍ରିଷ୍ଣମୂର୍ତ୍ତିଙ୍କ ସ୍ମୃତିରୁ କିଛି ପୃ : ୪
ପ୍ରକାଶିତ ପୁସ୍ତକ ପୃ : ୬

ଆଚ୍ଛା, କହିଲ ଦେଖି ଆମେ ସବୁ ଏମିତି ପିଲା ଥାଉ ଥାଉ ସ୍ନେହ ମମତାର ପାତ୍ର ହେବୁ ଏବଂ ଭଲ ପାଇବା କି ଜିନିଷ ସେତକ ବି ନିଜେ ବୁଝିବୁ— ଏହା କଣ ଅତ୍ୟନ୍ତ ପ୍ରୟୋଜନୀୟ ନୁହଁ ? କିନ୍ତୁ ମୋର ତ ମନେ ହେଉଛି ଆମ ଭିତରୁ ଅଧିକାଂଶ ଭଲ ପାଇ ପାରନ୍ତି ନାହିଁ କି ଆମକୁ ବି କେହିହେଲେ ଭଲପାଏ ନାହିଁ । ଆଉ ମୁଁ ଭାବୁଛି ଯେ ଆମେ ଏଇ ଛୋଟ ବେଳୁ ଏହି ସମସ୍ୟାଟିକୁ ଅତ୍ୟନ୍ତ ଗମ୍ଭୀରତାର ସହିତ ତନ୍ନ ତନ୍ନ ଭାବେ ଅନୁସନ୍ଧାନ କରି, ତାହାକୁ ବୁଝିଯିବା ଉଚିତ । ତା'ହେଲେ ହୁଏତ ଆମେ ଏହି ସ୍ନେହ ପ୍ରେମକୁ ନିଜଠାରେ ଅନୁଭବ କରିବା ଲାଗି, ତାର ରୂପ, ରସ, ଗନ୍ଧକୁ ବାରିବା ଲାଗି ଯଥେଷ୍ଟ ଭାବରେ ସମ୍ବେଦନଶୀଳ ହୋଇ ପାରିବୁ । ତା'ହେଲେ ଆମେ ଯେତେବେଳେ ବଡ଼ ହେଇଯିବୁ, ତାହା ପୂରାପୂରି ଆଉ ନଷ୍ଟ ହେଇଯାଇ ପାରିବ ନାହିଁ । ତେଣୁ ଆସ ଏହି ପ୍ରଶ୍ନଟିକୁ ବିଚାର କରି ଦେଖିବା ।

ଭଲ ପାଇବା କହିଲେ କଣ ବୁଝାଏ ? ଏହା କଣ ଏକ ଆଦର୍ଶ ? ଏହା କଣ ଏପରି କିଛି ବସ୍ତୁ ଯାହାକି ବହୁ ଦୂରରେ ଥାଏ, ଏକାନ୍ତ ଦୁର୍ଲଭ ? ଅବା, ଏହି ପ୍ରେମ ଆମ ପ୍ରତ୍ୟେକଙ୍କ ଦ୍ୱାରା ଦିନର ଅପ୍ରତ୍ୟାଶିତ ମୁହୂର୍ତ୍ତମାନଙ୍କରେ ମଧ୍ୟ ନିଜଠାରେ ଅନୁଭବ କରାଯାଇପାରେ ? ଅନ୍ତରରେ ସହାନୁଭୂତିଶୀଳତା ରହିବା, ବୋଧଶକ୍ତି ରହିବା, ସ୍ୱାଭାବିକ ଭାବରେ ଅନ୍ୟକୁ ସାହାଯ୍ୟ କରିବା, ସ୍ୱତଃସ୍ଫୁର୍ତ୍ତ ଭାବରେ ଦୟାଳୁ ରହିବା, ଚାରାଗଛଟିଏ ହେଉ, କି କୁକୁରଟିଏ ହେଉ, ତାର ଯତ୍ନ ନେବା, ଗାଉଁଲି ଲୋକଟି ପ୍ରତି ମନରେ ଦରଦ ରଖିବା, ତମର ସାଙ୍ଗସାଥୀଙ୍କ ପ୍ରତି, ସାଇପଡ଼ିଶାଙ୍କ ପ୍ରତି ମନରେ ଉଦାର ଭାବ ରଖିବା,— ଭଲ ପାଇବା କହିଲେ ଆମେ ଏଇସବୁକୁ ବୁଝାଉ ନାହିଁ କି ? ଭଲ ପାଇବାଟା କଣ ଏଭଳି ଏକ ଅବସ୍ଥା ନୁହେଁ, ଯୋଉଠି କି ବିଦ୍ୱେଷ, ବିରକ୍ତିର ଗନ୍ଧ ନ ଥାଇ, ନିତ୍ୟ କ୍ଷମା ହିଁ କେବଳ ଝରୁଥାଏ ? ଆଉ ଆମର ଏଇ ପିଲା ବୟସରେ ଏହାକୁ ଅନୁଭବ କରିବା କଣ ଆମ ପକ୍ଷରେ ସମ୍ଭବ ନୁହେଁ ?

ଆମେ ପିଲା ଥିଲାବେଳେ ଆମ ଭିତରୁ ଅନେକେ ଏହାକୁ ନିଜଠାରେ ଅନୁଭବ କରିଥିବେ— କେମିତି ଗାଉଁଲି ଲୋକଟି ପ୍ରତି ହେଉ, କି କୁକୁରଟି ପ୍ରତି ହେଉ, କି ଏକ ଦୀନହୀନ ଅସହାୟ ଲୋକଟି ପ୍ରତି ହେଉ, ଆମ ଅନ୍ତରର କେଉଁ ଏକ ନିଭୃତ କୋଣରୁ ସହାନୁଭୂତି ଝରିଆସେ । ସେଇ ଭାବକୁ କଣ ଅନ୍ତରରେ ଅନବରତ ଜୀଆଇଁ ରଖିବା ଉଚିତ ନୁହେଁ ? ଅନ୍ୟକୁ ଟିକିଏ ସାହାଯ୍ୟ କରିବା, ଗଛଟିର କି ବଗିଚାଟିର ଯତ୍ନ ନେବା, କିମ୍ବା ଘରେ ବା ହଷ୍ଟେଲରେ ଯୋଉଠି ଥାଅ ପଛକେ ସେଠାକାର କାମରେ କାହାରିକୁ ଟିକିଏ ସାହାଯ୍ୟ କରିବା— ଏଥିରେ ଦିନ ଭିତରେ କିଛି କିଛି ସମୟ ଦେବାଟା କଣ ଉଚିତ ନୁହେଁ ? ତା ହେଲେ ସିନା ତମେ ସବୁ ବଡ଼ ହେଲା ବେଳକୁ ଜାଣିପାରନ୍ତ ବିନା ଜୋର ଜବରଦସ୍ତିରେ, ବିନା ମତଲବରେ ଜଣେ ସ୍ୱାଭାବିକ ଭାବରେ ଦୟାଳୁ ପାଲଟିବାଟା କ'ଣ ପ୍ରକାଶ କରେ । ଏହି ପ୍ରକୃତ ସ୍ନେହ ମମତାର ଭାବଟିକୁ ତମ ଅନ୍ତରରେ ଜୀଆଇଁ ରଖିବା କଣ ଉଚିତ ନୁହେଁ ?

## କାର୍ଯ୍ୟକ୍ରମ ସମ୍ବନ୍ଧରେ...

ପ୍ରତ୍ୟେକ ରବିବାର ଦିନ ଗୁଡ଼ିକରେ ଏଠାରେ ସକାଳ ୯: ୩୦ ରେ ନିୟମିତ ରୂପେ Group Discussion ମାନ ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ପାଠକମାନେ ଜେ. କ୍ରିଷ୍ଣମୂର୍ତ୍ତିଙ୍କ ଲେଖାକୁ ବୁଝିବାରେ ନିଜ ନିଜର ଅସୁବିଧାମାନ ଉପସ୍ଥାପିତ କରି ତାହାକୁ ଦୂର କରିବାରେ ପରସ୍ପର ମଧ୍ୟରେ ଆଲୋଚନା କରିଥା'ନ୍ତି । ଏହି ସୁଯୋଗର ସୁବିଧା ନେବା ନିମନ୍ତେ ସମସ୍ତ ପାଠକଙ୍କୁ ଏହି ଅନୁଷ୍ଠାନ ସାଦର ନିମନ୍ତ୍ରଣ ଜଣାଉଛି ।

ପ୍ରକୃତ ସ୍ନେହ ମମତାକୁ କୃତ୍ରିମ ଭାବରେ ଅଣାଯାଇ ପାରେ ନାହିଁ; ଏହାକୁ ନିଜ ଅନ୍ତରରେ 'ଅନୁଭବ' କରୁଥିବା ଦରକାର; ଆଉ ମଧ ତମର ଅଭିଭାବକ, ତମ ବାପ ମା, ତମ ଶିକ୍ଷକମାନେ ମଧ ନିଜେ ତାହା ଅନୁଭବ କରିବା ନିତାନ୍ତ ଦରକାର। ଅଧିକାଂଶ ଲୋକଙ୍କଠାରେ ଆନ୍ତରିକ ସ୍ନେହ ମମତା ନ ଥାଏ। ସେମାନେ ତାଙ୍କର କୃତିତ୍ୱ ନେଇ, ତାଙ୍କର ଉଚ୍ଚାଭିଳାଷ, ତାଙ୍କର ଜ୍ଞାନଗାରିମା ନେଇ, ତାଙ୍କର ସାଫଲ୍ୟ ନେଇ ଅତ୍ୟଧିକ ଭାବେ ମଜ୍ଜି ରହିଥାଆନ୍ତି। ଯାହାସବୁ ସେମାନେ ନିଜେ କରିପାରିଛନ୍ତି କି କରିବାକୁ ଇଚ୍ଛା କରୁଥାଆନ୍ତି, ସେଥିପ୍ରତି ଏଭଳି ଅସମ୍ଭବ ଧରଣର ପ୍ରାଧାନ୍ୟ ଦେଇଥାନ୍ତି ଯେ ପରିଶେଷରେ ତାହା ହିଁ ତାଙ୍କୁ ଧ୍ୱଂସ କରିଦିଏ।

ସେଇଥିପାଇଁ ତ କହୁଛି ଏଇଟା ଅତି ବେଶୀ ଦରକାର ଯେ ତମେମାନେ ଏଇ ପିଲା ବୟସରୁ ହିଁ ବଖରାଗୁଡ଼ିକର ଯତ୍ନ ନେବାରେ ସାହାଯ୍ୟ କର, କି ଯୋଉ ଗଛସବୁ ନିଜେ ପୋତିଛ, ସେଗୁଡ଼ିକର ଯତ୍ନ ନିଅ କି ଯୋଉ ସାଙ୍ଗଟି ରୋଗରେ ପଡ଼ିଛି ତାକୁ ଟିକିଏ ସାହାଯ୍ୟ କର। ତାହେଲେ ସହାନୁଭୂତି, ଦରଦ ଓ ଉଦାରତାର ସୂକ୍ଷ୍ମ ଭାବଟିଏ ତମ ହୃଦୟରୁ ଝରି ଆସିବ— ସେଇ ପ୍ରକୃତ ଉଦାରତା, ଯାହା କି କେବଳ ମନର ଉଦାରତାକୁ ବୁଝାଏ ନାହିଁ, ତାହା ହେଉଛି ତମର ଯେତିକି ଅଛି, ତାହା ଯେଡ଼େ ସାମାନ୍ୟ ହେଉ ପଛକେ, ତାକୁ ନେଇ ତମେ ଅନ୍ୟ ଜଣକ ସହିତ ଭାଗୀ ହେବା ଲାଗି ଇଚ୍ଛା କରିବା। ଏଇ ପିଲା ବୟସରୁ ଯଦି ତମଠାରେ ଏ ପ୍ରକାର ପ୍ରେମ, ଦୟା, ଉଦାରତା ଓ ନମ୍ରତାର ଭାବ ନ ରହେ, ତେବେ ତମେ ବଡ଼ ହେଲା ପରେ ତାହା ତମଠାରେ ଆସିବାଟା ଅତ୍ୟନ୍ତ କଷ୍ଟକର ହେବ; କିନ୍ତୁ ଏବେଠାରୁ ଯଦି ତମେ ତାହାର ଅଧିକାରୀ ହେବାକୁ ଆରମ୍ଭ କରିଦିଅ, ତେବେ ବୋଧହୁଏ ତମେ ତାହାକୁ ଅନ୍ୟମାନଙ୍କଠାରେ ଜାଗ୍ରତ କରାଇପାରିବ।

ସହାନୁଭୂତି ଓ ସ୍ନେହ ମମତା ରହିବାର ଅର୍ଥ ହେଲା ଭୟରୁ ମୁକ୍ତ ରହିବା, ନୁହେଁ କି? କିନ୍ତୁ ତମେ ଦେଖିବ, ଏ ଦୁନିଆରେ ଭୟରୁ ଏକେବାରେ ମୁକ୍ତ ରହି, କୌଣସି କାର୍ଯ୍ୟରେ ବ୍ୟକ୍ତିଗତ ଉଦ୍ଦେଶ୍ୟ ନ ରଖି ବଢ଼ିବାଟା କେତେ ବେଶୀ କଷ୍ଟକର। ବୟସ୍କ ଲୋକମାନେ କେବେହେଲେ ଏହି ଭୟ ସମସ୍ୟାଟିକୁ ଚିନ୍ତା କରି ଦେଖି ନାହାନ୍ତି କିମ୍ବା ତାକୁ ଉପର ଠାଉରିଆ ଭାବରେ ଦେଖିଛନ୍ତି ଓ ତାଙ୍କର ନିତିଦିନିଆ ଜୀବନରେ, ସେଇ ଅନୁସାରେ ଚଳି ନାହାନ୍ତି। ଏବେ ତ ତମେମାନେ ବୟସରେ ଏତେ ଛୋଟ ଅଛ, ତମେ ସବୁ ଏବେ ଖାଲି ନଜର ରଖି ଦେଖୁଛ, ପଚାରୁଛ, ବୁଝୁଛ ଓ ଶିଖୁଛ; କିନ୍ତୁ କେଉଁ ଜିନିଷଟା ଭୟକୁ ସୃଷ୍ଟି କରାଏ, ସେତକ ଯଦି ତମେ ଏବେଠୁ ନ ଦେଖ ଓ ନ ବୁଝ, ତେବେ ତମେ ବି ଠିକ୍ ସେଇ ବୟସ୍କମାନଙ୍କ ଭଳି ହେଇଯିବ। କିଆରୀ ଭିତରେ ଛପି ରହିଥିବା କିଛି ବଣୁଆ ଘାସ ପରି, ଏହି ଭୟ ବଢ଼ି ବଢ଼ିକା ମାଡ଼ି ମାଡ଼ି ଯାଇ ତମ ମନଟିକୁ ମୋଡ଼ି ବଙ୍କାଇ ଦେବ। ତେଣୁ ତମ ଚାରିପଟେ ଓ ତମ ଅନ୍ତରରେ ଯାହା ସବୁ ଘଟିଯାଉଛି, ସେ ବିଷୟରେ ସଜାଗ ରହିବା ନିହାତି ଦରକାର; ତା ଅର୍ଥ ଶିକ୍ଷକମାନେ କେମିତି ଭାବରେ କଥାଭାଷା କରନ୍ତି, ଆମର ବାପ ମା' ମାନେ କେମିତି ବ୍ୟବହାର ଦେଖାନ୍ତି ଓ ତମେ ସେଥିକୁ କି ପ୍ରକାର ପ୍ରତିବେଦନ ଜଣାଅ, ଏସବୁ ପ୍ରତି ସଜାଗ ରହିବା ଦରକାର,— ତେବେ ଯାଇ ଏଇ ଭୟ ବିଷୟଟିକୁ ଜାଣିହେବ ଓ ବୁଝିହେବ।

ଅଧିକାଂଶ ବୟସ୍କ ଲୋକ ମନେ କରନ୍ତି ଯେ କିଛି ନା କିଛି ପ୍ରକାରର ନିୟମାନୁବର୍ତ୍ତିତା ରହିବା ନିହାତି ଦରକାର। ଏଇ ନିୟମାନୁବର୍ତ୍ତିତା କାହାକୁ କହନ୍ତି ତମେ ଜାଣ କି? ଏହା ହେଉଛି କିଛି ଗୋଟାଏ କାମ କରିବାକୁ ତମର ଇଚ୍ଛା ନାହିଁ, କିନ୍ତୁ ଜୋର ଜବରଦସ୍ତ କରି ତମ ହାତରେ ସେଇ କାମଟି କରାଇ ନେବାର ପ୍ରଣାଳୀ। ଯୋଉଠି ନିୟମାନୁବର୍ତ୍ତିତା ଥାଏ, ସେଠି ଭୟ ରହିଥାଏ; ତେଣୁ ନିୟମାନୁବର୍ତ୍ତିତା, ସ୍ନେହ ପ୍ରେମର ମାର୍ଗରେ ନ ଥାଏ। ସେଇଥିପାଇଁ ତ ନିୟମାନୁବର୍ତ୍ତିତା ଠାରୁ ଯେକୌଣସି ପ୍ରକାରେ ଦୂରେଇ ରହିବା କଥା; ନିୟମାନୁବର୍ତ୍ତିତା କହିଲେ ବୁଝାଏ ବଳାତ୍କାର, ପ୍ରତିରୋଧ, ବାଧ୍ୟବାଧକତା; ଏହା ହେଉଛି କିଛି ଗୋଟାଏ କଥା ଯାହା ତମେ ଯଥାର୍ଥରେ ବୁଝି ନ ଥାଅ, ତାହା ତମରି ହାତରେ କରାଇ ନେବା, ଅଥବା ପୁରସ୍କାରର ଲୋଭ ଦେଖାଇ ତମକୁ ତାହା କରିବା ଲାଗି ପ୍ରବର୍ତ୍ତାଇବା। ଯଦି କିଛି ଗୋଟାଏ ଜିନିଷ ତମେ ନିଜେ ବୁଝି ନ ଥାଅ, ତାକୁ ତମେ କର ନାହିଁ, କି ତାହା କରିବା ଲାଗି ବାଧ୍ୟ ହୁଅ ନାହିଁ। ତମେ ତାର କୈଫିୟତ୍ ମାଗ; ଜିଦ୍‌ଖୋର ହୁଅ ନାହିଁ, ବରଂ କଥାର ସତ୍ୟତା ବୁଝିବାକୁ ଚେଷ୍ଟା କର, ଯେପରି କି ସେ ଦିଗରେ କୌଣସି ପ୍ରକାର ଭୟ ଆଶଙ୍କା ତମ ମନରେ ନ ରହେ; ତେବେ ଦେଖିବ ତମ ମନ ଅତ୍ୟନ୍ତ ନମନୀୟ, ଅତ୍ୟନ୍ତ କୋମଳ ରହିବ।

ଯେତେବେଳେ ତମେ କିଛି ନ ବୁଝି ନ ଶୁଝି, କେବଳ ବଡ଼ ମଣିଷମାନେ କହୁଛନ୍ତି ବୋଲି ତାଙ୍କ ହୁକୁମତି ମାନିବାକୁ ବାଧ୍ୟ ହୁଅ, ସେତେବେଳେ ତମେ ଆପଣା ମନଟିକୁ ଚପେଇ ରଖ ଓ ଭୟ ଦେଖା ଦେବାକୁ ଆରମ୍ଭ କରେ। ଆଉ ତା ପରେ ସେଇ ଭୟ ସାରା ଜୀବନ ଧରି ତମ ପଛରେ ଛାଇ ପରି ଲାଗି ରହେ। ସେଇଥିପାଇଁ ତ, କୌଣସି ନିର୍ଦ୍ଦିଷ୍ଟ ଧରଣର ଚିନ୍ତାଧାରା ଅନୁଯାୟୀ ହେଉ, କି କୌଣସି ନିର୍ଦ୍ଦିଷ୍ଟ ଧରଣର କାର୍ଯ୍ୟ ଢାଞ୍ଚା ଅନୁଯାୟୀ ହେଉ, ନିଜକୁ ନିୟମାନୁବର୍ତ୍ତୀ ନ କରାଇବାଟା ଏତେ ଜରୁରୀ। କିନ୍ତୁ ଅଧିକାଂଶ ବୟସ୍କ ଲୋକ କେବଳ ସେଇଭଳି ଭାବରେ ଚିନ୍ତା କରିବାରେ ଅଭ୍ୟସ୍ତ ଥାଆନ୍ତି। ତମରି ତଥାକଥିତ ଭଲ ପାଇଁ ତମେ ତାହା କରିବ ବୋଲି ସେମାନେ ଚାହାନ୍ତି। ତମରି ନିଜର 'ଭଲ' ପାଇଁ ତମ ହାତରେ ଜୋର୍ କରି କିଛି କରାଇବାର ଏଇ ଯୋଉ ପ୍ରକ୍ରିୟା, ତାହା

ତମ ମନର ଦରଦୀ ଭାବଟିକୁ ଧ୍ୱଂସ କରିଦିଏ, ତମର ବୁଝିବା ଶକ୍ତିକୁ ଲୋପ କରିଦିଏ। ଏଇ ବାଧ୍ୟବାଧକତା, ଜୋର୍ ଜବରଦସ୍ତିକୁ ଅଗ୍ରାହ୍ୟ କରିବା ବଡ଼ କଠିନ କଥା। କାରଣ ଆମ ଚାରିପଟେ ଏ ଦୁନିଆ କେଡ଼େ ବଳିଷ୍ଠ; କିନ୍ତୁ ଆମେ ଯଦି ନ ବୁଝି ନ ଶୁଝି, ସବୁକଥାରେ ଖାଲି ରାଜି ହେଇ ଯାଉଥିବୁ, ତେବେ ଚିନ୍ତା ନ ଖଟେଇ କାମ କରିବାକୁ ଆମର ଅଭ୍ୟାସ ହେଇଯିବ ଏବଂ ତା ଦ୍ୱାରା ଏସବୁରୁ ମୁକୁଳିବା ଆହୁରି ବେଶୀ କଷ୍ଟକର ହେଇଉଠିବ।

ତାହେଲେ, ତମ ସ୍କୁଲରେ କଣ ହୁକୁମତି ଓ ନିୟମାନୁବର୍ତ୍ତିତା ଜାରି ରହିବା ଉଚିତ? ଅଥବା ତମ ଶିକ୍ଷକମାନେ ଏଇସବୁ ପ୍ରଶ୍ନ ଆଲୋଚନା କରିବାକୁ, ତାକୁ ତନ୍ନ ତନ୍ନ ରୂପେ ଅନୁସନ୍ଧାନ କରିବାକୁ, ଟିକି ନିଖି କରି ବୁଝିଯିବାକୁ ତମମାନଙ୍କୁ ଉତ୍ସାହିତ କରିବା କଥା, ଯେପରି କି ତମେ ସବୁ ବଡ଼ ହେଇ ସଂସାର ଆଡ଼କୁ ମୁହାଁଇଲା ବେଳକୁ ଜଣେ ଜଣେ ପୋଖତ ମଣିଷ ହେଇ ଏହି ଦୁନିଆର ବିଭିନ୍ନ ସମସ୍ୟାକୁ ବୁଦ୍ଧିମତ୍ତାର ସହିତ ମୁକାବିଲା କରିନେଇ ପାରିବ? ତମଠାରେ ଯଦି କୌଣସି ପ୍ରକାର ଭୟ ରହେ, ତେବେ ତ ତମଠାରେ ଗଭୀର ଧୀ ଶକ୍ତି ରହିପାରିବ ନାହିଁ। ଏହି ଭୟ ହିଁ ତମକୁ ମାନ୍ଦା କରିଦିଏ, ଏହା ତମଠାରେ କିଛି ଗୋଟାଏ ନୂଆ କରି ଆରମ୍ଭ କରିବାର ସ୍ପୃହା ଉତ୍ସାହରେ ବାଧା ସୃଷ୍ଟି କରେ। ଏହା ସମବେଦନା, ଉଦାରତା ଓ ଭଲପାଇବାର ଆଗ୍ରହକୁ ମାରିଦିଏ। ତେଣୁ ତମେ ଏକ ନିର୍ଦ୍ଦିଷ୍ଟ ଡାଞ୍ଚାର କାର୍ଯ୍ୟ ଅନୁଯାୟୀ ନିଜକୁ ନିୟମାନୁବର୍ତ୍ତୀ ହେବାକୁ ଦିଅ ନାହିଁ, ବରଂ ନିଜେ ତାହା ବୁଝିବାକୁ ଚେଷ୍ଟା କର, ଅର୍ଥାତ୍ ତମେ ଯେକୌଣସି ମତେ ପ୍ରଶ୍ନ କରିବାକୁ, ଅନୁସନ୍ଧାନ କରି ଜାଣିବାକୁ ସମୟ ରଖ; ଆଉ ଏଥିପାଇଁ ଶିକ୍ଷକଙ୍କ ପାଖରେ ବି ନିଶ୍ଚିତ ରୂପେ ସମୟ ଥିବା ଦରକାର; ଯଦି ସମୟ ନ ଥାଏ, ତେବେ ଯେମିତି ହେଉ ସମୟ ବାହାର କରିବାକୁ ହେବ। ଭୟ ହିଁ ସବୁ ପ୍ରକାର ଦୁର୍ନୀତିର ଏକ ମୂଳ କାରଣ, ଏହା ହିଁ ଅଧଃପତନର ମୂଳ ସୂତ୍ର, ଆଉ ଏହି ଭୟର କବଳରୁ ମୁକ୍ତ ରହିବାଟା ଯେକୌଣସି ପରୀକ୍ଷାଠାରୁ କିମ୍ବା ବିଶ୍ୱବିଦ୍ୟାଳୟ ଡିଗ୍ରୀଠାରୁ ବେଶୀ ଗୁରୁତ୍ୱପୂର୍ଣ୍ଣ।

**ପ୍ରଶ୍ନକର୍ତ୍ତା** : ପ୍ରେମ ବା ଭଲପାଇବାଟା ସ୍ୱତଃ କି ଜିନିଷ?

**କ୍ରିଷ୍ଣମୂର୍ତ୍ତି** : ପ୍ରେମର ଅନ୍ତର୍ନିହିତ ତତ୍ତ୍ୱଟି କଅଣ? ଏଇଆ କଣ ତମେ ଜାଣିବାକୁ ଚାହୁଁଛ? କୌଣସି ପ୍ରକାର ଉଦ୍ଦେଶ୍ୟ ଅଭିପ୍ରାୟ ନ ଥାଇ, କୌଣସି ଉତ୍ତେଜନା ନ ଥାଇ, ଯୋଉ ପ୍ରେମ, ତାହା କି ଜିନିଷ? ଟିକିଏ ମନ ଧ୍ୟାନ ଦେଇ କଥାଟା ଶୁଣ, ତାହେଲେ ତମେ ନିଜେ ଜାଣି ପାରିବ। ଆମେ କେବଳ ପ୍ରଶ୍ନଟିକୁ ପରୀକ୍ଷା କରି ଦେଖୁଛୁ, ଆମେ ତାର ଉତ୍ତର ଖୋଜିବାକୁ ଯାଉ ନାହୁଁ। ଅଙ୍କ କଷିଲା ବେଳେ, କି ପ୍ରଶ୍ନ କଲାବେଳେ ତମ ଭିତରୁ ଅଧିକାଂଶ ସମସ୍ୟାଟିକୁ ବୁଝିବାକୁ ଚେଷ୍ଟା ନ କରି, ଖାଲି ଉତ୍ତରଟିକୁ ଖୋଜିବାରେ ଆଗ୍ରହୀ ରହିଥାଅ। ତମେ ଯଦି ସେହି ସମସ୍ୟାଟିକୁ ଅନୁଧ୍ୟାନ କରନ୍ତ, ତାକୁ ଅନୁସନ୍ଧାନ କରନ୍ତ, ତାକୁ ପରୀକ୍ଷା କରି ଦେଖନ୍ତ, ବୁଝିବାକୁ ବସନ୍ତ, ତେବେ ତମେ ଦେଖନ୍ତ ଯେ ତାର ଉତ୍ତର ସେଇ ସମସ୍ୟା ଭିତରେ ହିଁ ରହିଛି। ତେଣୁ ଆସ ସେହି ସମସ୍ୟାଟି କଅଣ ତାକୁ ଆଗ ଭଲ କରି ବୁଝିବା; ତା ପାଇଁ ଗୀତା କି କୋରାନ୍ କି ବାଇବେଲ ଫିଟାଇବା, କି କୌଣସି ଅଧ୍ୟାପକ ବା ପ୍ରାଧ୍ୟାପକଙ୍କ ପାଖକୁ ଧାଇଁ ତାର ଉତ୍ତର ଖୋଜିବା ଦରକାର ନାହିଁ। ତମେ ଯଦି ଯଥାର୍ଥ ଭାବରେ ସମସ୍ୟାଟିକୁ ବୁଝି ନେଇଥିବ, ତେବେ ତ ତାର ଉତ୍ତରଟି ମନକୁ ମନ ବାହାରି ଆସିବ। କାରଣ ସେହି ସମସ୍ୟା ଭିତରେ ହିଁ ତାର ଉତ୍ତରଟି ରହିଥାଏ— ସମସ୍ୟାଠାରୁ ଅଲଗା ହୋଇ ତାହା ନ ଥାଏ।

ଏଠି ସମସ୍ୟାଟି ହେଲା କୌଣସି ପ୍ରକାର ଉଦ୍ଦେଶ୍ୟ ଅଭିପ୍ରାୟ ନ ଥାଇ ଯୋଉ ପ୍ରେମ, ତାହା କି ଜିନିଷ? କୌଣସି ପ୍ରକାର ଉତ୍ତେଜନା ନ ଥାଇ, ନିଜ ପାଇଁ କିଛି ହାସଲ କରିବାର ମତଲବ ନ ଥାଇ ପ୍ରେମ କଣ ସମ୍ଭବ ହେଇପାରେ? ଏଭଳି ପ୍ରେମ କଣ ସମ୍ଭବ, ଯୋଉଠି ପ୍ରେମର ପ୍ରତିଦାନ ନ ମିଳିଲେ ବି ମନରେ ତିଳେ ହେଲେ ଆଘାତ ଆସେ ନାହିଁ? ମୁଁ ଯଦି ତମକୁ ମୋର ବନ୍ଧୁତ୍ୱ ଦିଏ କିନ୍ତୁ ତମେ ସେଥିପ୍ରତି ମୁହଁ ବୁଲେଇ ଦିଅ, ମୁଁ କଣ ଆଘାତ ପାଏ ନାହିଁ କି? ସେଇ ଯୋଉ ଆଘାତ ପାଇବାର ଅନୁଭୂତି, ଏହା କଣ ବନ୍ଧୁତା, ଉଦାରତା, ସମବେଦନା ଥିବା ହେତୁ ଦେଖା ଦେଇଥାଏ ବୋଲି କୁହାଯିବ? ଏହା ନିଶ୍ଚିତ କଥା ଯେ, ଯେ ପର୍ଯ୍ୟନ୍ତ ମୁଁ ଆଘାତ ଅନୁଭବ କରୁଥିବି, ଯେ ପର୍ଯ୍ୟନ୍ତ ମୋଠାରେ ଭୟ ରହୁଥିବ, ଯେ ପର୍ଯ୍ୟନ୍ତ ତମଠାରୁ ସାହାଯ୍ୟ ପାଇବା ଆଶାରେ ତମକୁ ମୁଁ ସାହାଯ୍ୟ କରୁଥିବି ଯାହାକୁ କି ସେବାର ଆଖ୍ୟା ଦିଆଯାଏ— ସେଥିରେ ତ ପ୍ରେମ ନ ଥାଏ।

ଏତିକି ମାତ୍ର ଯଦି ତମେ ବୁଝିଯାଅ, ତେବେ ତ ଉତ୍ତର ପାଇଗଲ।

**ଆଗାମୀ ଜୀବନ**

> "Put away the book, the description, the tradition, the authority, and take the journey of self-discovery. Love, and don't be caught in opinions and ideas about what love is or should be. When you love, everything will come right. Love has its own action. Love, and you will know the blessings of it. Keep away from the authority who tells you what love is and what it is not. No authority knows; and he who knows cannot tell. Love, and there is understanding."
>
> **- J. Krishnamurti**

# ଜେ. କ୍ରିଷ୍ଣମୂର୍ତ୍ତିଙ୍କ ସ୍ମୃତିରୁ କିଛି...

ସେ ଜଣେ ବେଶ୍ ଜଣାଶୁଣା ଲୋକ ଥିଲେ। ପାଚେରି ଆର କଡ଼େ ଥିବା ଛୋଟ ଘରଟି ଭିତରେ ସେ ମୃତ୍ୟୁଶଯ୍ୟାରେ ପଡ଼ିଥିଲେ, ଆଉ ସେଇ ଯୋଉ ଟିକି ବଗିଚ୍ଛଟି ଦିନେ ଏତେ ଯତ୍ନରେ ବଢ଼ା ହୋଇଥିଲା ସେଇଟା ଏବେ ଅଯତ୍ନ ହୋଇ ପଡ଼ି ରହିଛି। ଭଦ୍ରଲୋକଙ୍କ ଘରିପଟେ ତାଙ୍କ ସ୍ତ୍ରୀ, ପିଲାପିଲି ଓ ଅନ୍ୟାନ୍ୟ କେତେଜଣ ନିକଟ ସମ୍ପର୍କୀୟ ବେଢ଼ାଇ ହୋଇ ବସିଥିଲେ। ତାଙ୍କର ମୃତ୍ୟୁ ଆହୁରି କିଛି ମାସ କି ତା' ଠାରୁ ବେଶୀ ବାକିଥିବ ପରା! ହେଲେ ସେମାନେ ସମସ୍ତେ ତାଙ୍କ ଘରିପଟେ ରହିଥିଲେ ଓ ବଖରାଟି ଗଭୀର ବିଷାଦରେ ଭରି ରହିଥିଲା। ମୁଁ ଭିତରେ ପଶିବାରୁ ଅନ୍ୟମାନଙ୍କୁ ସେଠାରୁ ଚ୍ଛଲିଯିବାକୁ ସେ କହିଲେ– ଆଉ ଅନିଚ୍ଛା ସତ୍ତ୍ୱେ ସେମାନେ ଗୋଟିଗୋଟି କରି ଉଠିଗଲେ, ଗଲା ନାହିଁ କେବଳ ଛୋଟ ପିଲାଟିଏ– ସେ ତା'ର ଖେଳନା ଧରି ଭୂଇଁ ଉପରେ ବସି ଖେଳିବାର ଲାଗିଥିଲା। ସମସ୍ତେ ସେଠୁ ବାହାରି ଯିବା ପରେ ସେ ଗୋଟିଏ ଚଉକି ଆଡ଼େ ଚ୍ଛହିଁ ମତେ ବସିବାକୁ ଇସାରା କଲେ। କିଛିବେଳ ଧରି ଆମେ ଉଭୟେ କଥାଭାଷା ନ କରି ନୀରବରେ ବସି ରହିଲୁ; ଘର ଭିତରର ତଥା ରାସ୍ତାର କଥାବାର୍ତ୍ତା ପାଟିତୁଣ୍ଡରେ ବଖରା ଭିତରଟା କୋଳାହଳପୂର୍ଣ୍ଣ ହୋଇଉଠିଲା।

ବଡ଼ କଷ୍ଟରେ ସେ କଥା କହିବାକୁ ଆରମ୍ଭ କଲେ।

"ଜାଣନ୍ତି, ଅନେକ ବର୍ଷ ଧରି ବଞ୍ଚିବା ନେଇ, ପୁଣି ତା' ଠାରୁ ବେଶୀ ମରିବା ନେଇ ମୁଁ ଚିନ୍ତା କରି ଆସିଛି– କାରଣ ମୋର ଏ ଅସୁସ୍ଥତା ଦୀର୍ଘସ୍ଥାୟୀ। ମୃତ୍ୟୁଟା ସତରେ କେଡ଼େ ଅଦ୍ଭୁତ ଜିନିଷଟିଏ ମନେହୁଏ! ଏଇ ସମସ୍ୟା ନେଇ ମୁଁ ବିଭିନ୍ନ ବହି ସବୁ ପଢ଼ିଛି କିନ୍ତୁ ସେସବୁ ବଡ଼ ଉପରଠାଉରିଆ।"

ସିଦ୍ଧାନ୍ତ ମାତ୍ରକେ ଉପର-ଠାଉରିଆ, ନୁହେଁ କି?

"କେଜାଣି, ସେ ବିଷୟରେ ମୁଁ ନିଶ୍ଚିତ ନୁହେଁ। ଯଦି ଜଣେ ଏପରି କୌଣସି ସିଦ୍ଧାନ୍ତରେ ପହଞ୍ଚିଯାଇ ପାରିଲା, ଯାହାକି ଗଭୀର ଭାବରେ ତୃପ୍ତିଦାୟକ ତେବେ ତା'ର କୌଣସି ଯଥାର୍ଥତା ଅଛି ନିଶ୍ଚୟ। ଆଉ ଯଦିବା ସିଦ୍ଧାନ୍ତଟିଏରେ ପହଞ୍ଚି ଯିବାରେ ତୃପ୍ତି ମିଳୁଛି ତେବେ ସେଥିରେ ଭୁଲ ବା ରହିଲା କେଉଁଠି?"

ସେଥିରେ କୌଣସି ଭୁଲ ନାହିଁ ସତ, କିନ୍ତୁ ତାହା କ'ଣ ଏକ ଭ୍ରମାତ୍ମକ ଦିଗ୍‌ବଳୟର ସୂତ୍ରପାତ କରେ ନାହିଁ? ଯେକୌଣସି ଧରଣର ଭ୍ରମ ସୃଷ୍ଟି କରିପାରିବା ଭଳି ମନର ଶକ୍ତି ରହିଛି, ଆଉ ସେଥିରେ ଧରା ପଡ଼ିବାଟା କେଡ଼େ ତୁଚ୍ଛ, ପିଲାଳିଆମି ସତେ।

"ବେଶ୍ ସୁଖ ସମ୍ପଦରେ ମୋର ଏ ଜୀବନ କଟି ଆସିଛି, ଆଉ ଯାହା ମୋର କର୍ତ୍ତବ୍ୟ ବୋଲି ମୁଁ ମନେକରିଛି ସେତକ ମୁଁ ଠିକ୍ ସମ୍ପାଦନ କରି ଆସିଛି; ତଥାପି– ଯେତେହେଲେ ତ ମୁଁ ଜଣେ ମଣିଷ। ସେ ଯାହାହେଉ, ସେ ଜୀବନ ତ ବର୍ତ୍ତମାନ ଶେଷ ହୋଇଯାଇଛି ଆଉ ଏବେ ତ ମୁଁ ଏକ ଅପଦାର୍ଥ ହୋଇ ଏମିତି ପଡ଼ିଛି। ତେବେ ବଡ଼ ଭାଗ୍ୟର କଥା ଯେ ମନଟା ମୋର ଏପର୍ଯ୍ୟନ୍ତ ବିଚଳିତ ଅବସ୍ଥାକୁ ଆସି ନାହିଁ। ମୁଁ ଅନେକ କିଛି ପଢ଼ିଛି ଏବଂ ଏବେ ସୁଦ୍ଧା ସେମିତି ପୂର୍ବଭଳି ଉତ୍ସୁକ ଅଛି ଜାଣିବାକୁ ଯେ ମୃତ୍ୟୁ ପରେ କ'ଣ ଘଟେ। ମୁଁ କ'ଣ ଆହୁରି ରହିବି ନା ଶରୀରର ମୃତ୍ୟୁ ପରେ ସବୁ କିଛି ନିଃଶେଷ ହୋଇଯିବ?"

ଦେଖନ୍ତୁ, ଯଦି ପଚରାଯାଏ, ମୃତ୍ୟୁ ପରେ କ'ଣ ଘଟେ ବୋଲି ଜାଣିବାକୁ ଆପଣ ଏତେ ଉଦ୍‌ବିଗ୍ନ କାହିଁକି?

"ଏକଥା କ'ଣ ସମସ୍ତେ ଜାଣିବାକୁ ଚ୍ଛହାନ୍ତି ନାହିଁ କି?"

ହଁ, ବୋଧହୁଏ, ସମସ୍ତେ ଚ୍ଛହାନ୍ତି, କିନ୍ତୁ ବଞ୍ଚିବାଟା କ'ଣ ବୋଲି ଆମେ ଯଦି ଜାଣି ନ ଥାଉ ତେବେ ମୃତ୍ୟୁ କ'ଣ ବୋଲି ଆମେ କ'ଣ କେବେହେଲେ ଜାଣିପାରିବା କି? ବଞ୍ଚିବା ଓ ମରିବା ହୁଏତ ସେଇ ଏକା ଜିନିଷ– ଆଉ ଆମେ ଯେ ତାକୁ ଅଲଗା ଅଲଗା କରିଦେଇଛୁ ତାହା ହିଁ ଘୋର ଦୁଃଖର ମୂଳ ହୋଇପାରେ।

"ଆପଣଙ୍କ ଭାଷଣଗୁଡ଼ିକରେ ଆପଣ ଏସବୁ ବିଷୟରେ କ'ଣ କହିଛନ୍ତି ସେ ସମ୍ପର୍କରେ ମୁଁ ବେଶ୍ ସଚେତନ; କିନ୍ତୁ ତଥାପି ମୋର ସେ କଥା ଜାଣିବାକୁ ଇଚ୍ଛା ମୃତ୍ୟୁ ପରେ କ'ଣ ଘଟେ ଆପଣ କ'ଣ ମତେ ସତରେ କହିବେ ନାହିଁ? ମୁଁ ଏକଥା କାହାରିକୁ କହିବି ନାହିଁ।"

ଜାଣିବା ଲାଗି ଆପଣ ଏତେ ଚେଷ୍ଟା ଚଳାଇଛନ୍ତି କାହିଁକି, କହିଲେ? ଜୀବନ ଓ ମୃତ୍ୟୁର ବିଶାଳ ସାଗରକୁ ଏତେ ଖୋଳ୍ ତାଡ଼୍ ନ କରି ତାକୁ ସେମିତି ଛାଡ଼ି ଦେଉ ନାହାନ୍ତି କାହିଁକି?

ନିଜ ପାପୁଲିରେ ମୋର ହାତକୁ ଧରିନେଇ ସେ କହିଲେ, "ମୁଁ ମରିବାକୁ ଚ୍ଛହେଁନା।" "ମରଣ ପ୍ରତି ମୋର ସଦାବେଳେ ଗୋଟାଏ ଭୟ ରହିଆସିଛି। ଯେତେ ଯୁକ୍ତି ବାଢ଼ି, ବିଶ୍ୱାସ ଦେଇ ନିଜକୁ ସାନ୍ତ୍ୱନା ଦେବାର ଚେଷ୍ଟା କଲେ ସୁଦ୍ଧା ସେସବୁ କେବଳ ମୋର ଏଇ ଭୟର ଗଭୀର ଯନ୍ତ୍ରଣା ଉପରେ ପତଳା ପରଦାଟିଏ ଭଳି କାମ କରିଛି ସିନା ଆଉ କିଛି ନୁହେଁ। ମୁଁ ମୃତ୍ୟୁ ବିଷୟରେ ଯେତେ ଯାହା ପଢ଼ିଛି ସେସବୁ ଖାଲି ଏଇ ଭୟରୁ ଖସିଯିବାର ପ୍ରଚେଷ୍ଟାରେ କରିଛି; ଏଥିରୁ ବାହାରି ଆସିବା ଲାଗି କରିଛି। ଆଉ ବର୍ତ୍ତମାନ ବି ଖାସ୍ ସେଇ କାରଣରୁ ମୁଁ ତାହା ଜାଣିବାକୁ ଅନୁନୟ କରୁଛି।"

ଉତ୍ତର– କୌଣସି ପ୍ରକାରେ ତାକୁ ଫିଙ୍ଗି ଚାଲି ଯିବାଟା ମନକୁ ଭୟରୁ ମୁକ୍ତ କରିପାରିବ କି ? କହିଲେ, ଏଇ ଖସି ପଳାଇବା କାର୍ଯ୍ୟଟା ହିଁ ଖୋଦ୍ ଭୟ ସୃଷ୍ଟି କରେନାହିଁ କି ?

"କିନ୍ତୁ ଆପଣ ତ' ମତେ କହିଦେଇ ପାରିବେ, ଆଉ ଆପଣ ଯାହା କହିବେ ସେଇଟା ହିଁ ସତ୍ୟ, ସେଇ ସତ୍ୟ ହିଁ ମତେ ମୁକ୍ତି ଦେବ..."

କିଛି ସମୟ ପାଇଁ ଆମେ ଦିହେଁ ନୀରବରେ ବସିରହିଲୁ। ହଠାତ୍ ସେ ପୁଣି କହିବାକୁ ଆରମ୍ଭ କଲେ, "ମୋର ଯେତେ ଯେତେ ଉଦ୍‌ବିଗ୍ନ ପ୍ରଶ୍ନ ତା'ଠାରୁ ବଳି ଏଇ ନୀରବତାଟା ମୋତେ ଶାନ୍ତି ଦେଇଥିଲା। ଆହା, ମୁଁ ହେଲେ ଯାରି ଭିତରେ ରହି ଚୁପ୍‌ଚାପ୍ ମୃତ୍ୟୁବରଣ କରିନେଇ ପାରନ୍ତି କି! କିନ୍ତୁ ମୋର ଏ ମନ ମତେ ସେତକ କରିବାକୁ ଦେବ ନାହିଁ। ମୋ ମନଟା ଉଭୟ ଶିକାରୀ ଆଉ ଶିକାରରେ ପରିଣତ ହୋଇଛି; ମୁଁ ଭୀଷଣ କଷ୍ଟ ପାଉଛି। ଦେହରେ ତ ମୋର ତୀବ୍ର ଯନ୍ତ୍ରଣା ହେଉଛି, କିନ୍ତୁ ମୋ ମନ ଭିତରେ ଯାହା ଚାଲିଛି ତା ତୁଳନାରେ ସେ କିଛି ନୁହେଁ। ମୃତ୍ୟୁପରେ କ'ଣ ଏକ ଅବିଚ୍ଛେଦ୍ୟ ଭାବେ ଯୋଡ଼ି ହେଇ ରହିଥିବା କ୍ରମାନ୍ୱୟତା ରହେ କି ? ଏଇ 'ମୁଁ' ଯାହା କି ଉପଭୋଗ କରିଛି, ଦୁଃଖ ଯାତନା ପାଇଛି, ଜାଣିଛି– ତାହା କ'ଣ ପୁଣି ଚାଲୁ ରହିବ ?"

ଏଇ ଯୋଉ 'ମୁଁ'କୁ ଆପଣଙ୍କର ମନ ଜାବୁଡ଼ି ଧରିଛି ଓ ଆପଣ ଯାହାକୁ ଚାଲୁ ରଖିବାକୁ ଚାହୁଁଛନ୍ତି ସେଇଟି କଅଣ ? ମୋତେ କୌଣସି ଉତ୍ତର ଦିଅନ୍ତୁ ନାହିଁ, କେବଳ ଚୁପ୍‌ଚାପ୍ ଶୁଣିଯାନ୍ତୁ। ସେଇ 'ମୁଁ'ଟି ଅସ୍ତିତ୍ୱ ଲାଭ କରିଛି କେବଳ ଧନ ସମ୍ପତ୍ତିର ଚିହ୍ନ ନେଇ, ଏକ ନାମ ନେଇ, ପରିବାର ନେଇ, ପରାଜୟ ଓ ଜୟଲାଭ ନେଇ, ଆପଣ ଯାହାସବୁ ହୋଇଛନ୍ତି ବା ହେବାକୁ ଚାହୁଁଛନ୍ତି ତା'ନେଇ। ଆପଣ ଯାହାସବୁ ସହିତ ନିଜକୁ ନାମାଙ୍କିତ କରାଇ ନେଇଛନ୍ତି ତାହା ହିଁ ହେଉଛନ୍ତି ଆପଣ; ସେଇ ସବୁକିଛି ନେଇ ଆପଣ ଗଢ଼ା ଓ ତାହା ବିନା ଆପଣ ନାହାନ୍ତି। ଏଇ ଲୋକଙ୍କ ସହିତ ନିଜକୁ ଚିହ୍ନିତ କରାଇବା, ସମ୍ପତ୍ତି ସହିତ, ଭାବଧାରଣା ସହିତ ଚିହ୍ନିତ କରାଇବା– ଏକୁଇ ତ ଆପଣ ବଞ୍ଚାଇ ରଖିବାକୁ ଚାହୁଁଛନ୍ତି– ଏପରିକି ମୃତ୍ୟୁ ପରେ ସୁଦ୍ଧା; ଆଉ ଏହା କ'ଣ କୌଣସି ଜୀବନ୍ତ ଜିନିଷ କି ? ନା, ଏସବୁ କେବଳ ଗୁଡ଼ିଏ ପରସ୍ପର ବିରୋଧୀ କାମନା, ଅନ୍ୱେଷଣ, ପୂର୍ଣ୍ଣତା ଓ ନିରାଶା– ପୁଣି ତା' ସହିତ ଆନନ୍ଦକୁ ଦବାଇ ଦେଲା ଭଳି ଅଧିକ ଗୁରୁତ୍ୱଶୀଳ ଦୁଃଖ ?

"ହୋଇପାରେ, ଆପଣ ଯାହା କହୁଛନ୍ତି ଠିକ୍– କିନ୍ତୁ କିଛି ନ ଜାଣିବା ଅପେକ୍ଷା ତ ଏହା ଶ୍ରେୟସ୍କର।"

ଅଜଣାଠାରୁ ଜ୍ଞାତଟା ଭଲ, ଏଇତ ? କିନ୍ତୁ ଜ୍ଞାତ ଯେ ଏଡ଼େ ଛୋଟ, ଏଡ଼େ କ୍ଷୁଦ୍ର, ଆଉ ଏତେ ଆବଦ୍ଧକାରୀ। ଜ୍ଞାତ ହିଁ ତ ଦୁଃଖ, ଅଥଚ ଆପଣ ତାକୁଇ' ବଞ୍ଚାଇ ରଖିବାକୁ ହାଇଁପାଇଁ ହେଉଛନ୍ତି।

"ମୋ କଥା ଟିକିଏ ଚିନ୍ତା କରନ୍ତୁ, ଦୟାକରନ୍ତୁ, ଏତେ କଠୋର ହୁଅନ୍ତୁ ନାହିଁ! ମୁଁ ଯଦି ଖାଲି ଟିକିଏ ଜାଣିଯିବି, ତେବେ ଆନନ୍ଦରେ ମୃତ୍ୟୁବରଣ କରିପାରିବି।"

ଦେଖନ୍ତୁ, ଜାଣିବା ଲାଗି ଏତେ ସଂଘର୍ଷ କରନ୍ତୁ ନାହିଁ। ଜାଣିବା ଲାଗି ସକଳ ଚେଷ୍ଟା ଯେତେବେଳେ ବନ୍ଦ ହୋଇଯାଏ, ସେତେବେଳେ ଏଭଳି କିଛି ରହେ ଯାହାକୁ କି ମନ ସମ୍ପାଦି ନ ଥାଏ। ଜ୍ଞାତ ଅପେକ୍ଷା ଅଜ୍ଞାତ ଆହୁରି ବଡ଼, ଅଜ୍ଞାତର ମହାସାଗରରେ ଜ୍ଞାତଟି ଏକ ଭେଳା ମାତ୍ର। ସବୁ ଜିନିଷକୁ ଚାଲିଯିବାକୁ ଓ ଘଟିବାକୁ ଦିଅନ୍ତୁ ନା!

ଏତିକିବେଳେ ତାଙ୍କର ପତ୍ନୀ ତାଙ୍କୁ ପିଇବାକୁ ଦେବାଲାଗି କିଛି ଧରିକରି ଆସିଲେ। ଆଉ ସେ ଛୋଟ ପିଲାଟି ଉଠିପଡ଼ି ଧାଇଁକରି ସେ ଘରୁ ବାହାରକୁ ପଳାଇ ଆସିଲା– ଆମ ଆଡ଼େ ଥରେ ଚାହିଁଲା ବି ନାହିଁ। ଗଲାବେଳେ ଦରଜା ବନ୍ଦ କରିଦେଇ ଯିବାଲାଗି ସେ ସ୍ତ୍ରୀଙ୍କୁ କହିଲେ, ଆଉ ପିଲାଟି ଯେମିତି ପୁଣି ଭିତରକୁ ନଆସେ ସେକଥା ବି ଜଣାଇଦେଲେ।

"ପରିବାର ନେଇ ମୋର କିଛି ଚିନ୍ତା କରିବାର ନାହିଁ, ସେମାନଙ୍କ ଭବିଷ୍ୟତ ବେଶ୍ ସୁରକ୍ଷିତ। ମୋରି ନିଜର ଭବିଷ୍ୟତ ନେଇ ହିଁ ମୁଁ ଚିନ୍ତିତ। ମୋର ହୃଦୟ ବୁଝୁଛି, ଆପଣ ଯାହା କହୁଛନ୍ତି ଠିକ୍; କିନ୍ତୁ ଏ ମନ ଠିକ୍ ଏକ ସବାରୀବିହୀନ ଦଉଡ଼ିଲା ଘୋଡ଼ା ପରି ହେଉଛି। ଆପଣ ମତେ ଟିକିଏ ସାହାଯ୍ୟ କରିବେ, ନା ମୁଁ କ'ଣ ସମସ୍ତ ସହାୟତାର ବାହାରେ ?"

ସତ୍ୟଟା ଏକ ଅଦ୍ଭୁତ ଜିନିଷ, ତାକୁ ଆପଣ ଯେତେ ଖୋଜି ଗୋଡ଼ାଇବେ, ସେ ଆପଣଙ୍କୁ ସେତେ ଧରାଦେବ ନାହିଁ, ଯେତେ ସୂକ୍ଷ୍ମ, ଯେତେ ଧୂର୍ତ୍ତ ଉପାୟରେ ହେଉ ନା କାହିଁକି, ଆପଣ ତାକୁ ଆଦୌ ଧରିପାରିବେ ନାହିଁ; ଆପଣଙ୍କ ଭାବନାର ଜାଲରେ ଆପଣ ତାକୁ କାବୁ କରିପାରିବେ ନାହିଁ। ଏଇତକ କେବଳ ଅନୁଭବ କରନ୍ତୁ– ବାକି ସବୁକୁ ଛାଡ଼ି ଦିଅନ୍ତୁ, ଜୀବନ ମୃତ୍ୟୁର ଯାତ୍ରାରେ ଆପଣଙ୍କୁ ଏକାକୀ ଚାଲିବାକୁ ହେବ। ଏ ଯାତ୍ରାରେ ଜ୍ଞାନ, ଅନୁଭୂତି, ସ୍ମୃତି ଏସବୁଠାରୁ ଆଶ୍ୱାସନା ଲାଭ କରିବାର କୌଣସି ସ୍ଥାନ ନାହିଁ। ମନ ତା'ର ସୁରକ୍ଷା ପାଇବାର ପ୍ରବଳ ଇଚ୍ଛାରୁ ଯାହାସବୁ ସଂଗ୍ରହ କରିଛି ସେଥିରୁ ଭଲକରି ପୋଛି ପରିଷ୍କାର ହୋଇଯିବା ଆବଶ୍ୟକ; ତା'ର ଯେତେ ଦେବାଦେବୀ, ସଦ୍‌ଗୁଣ ଏସବୁକୁ ଯେଉଁ ସମାଜ ତାହାକୁ ସୃଷ୍ଟି କରିଛି ତାକୁଇ ଫେରାଇ ଦିଆଯିବା ଦରକାର। ଏକ ସମ୍ପୂର୍ଣ୍ଣ, ଅକଳୁଷିତ ଏକାକୀତ୍ୱ ରହିବା ନିହାତି ଆବଶ୍ୟକ।

"ଆଉ ମାତ୍ର ଅଳ୍ପ କେଇଟା ଦିନ ମୋର ବାକି ରହିଲା, ମୋର ଜୀବନ ସରି ସରି ଆସୁଛି, ଆଉ ଆପଣ ମୋତେ ଗୋଟାଏ ଖୁବ୍ କଠିନ କଥା କରିବାକୁ କହୁଛନ୍ତି। ଅର୍ଥାତ୍ ମୃତ୍ୟୁ କ'ଣ ନ ଜାଣି ମୃତ୍ୟୁବରଣ କରିବା। ମୁଁ କିନ୍ତୁ ଅନେକ ଶିକ୍ଷା ପାଇଲି, ଏ ଜୀବନ ଏମିତି ଥାଉ ଆଉ ତାକୁ ଆଶୀର୍ବାଦ ମିଳୁ।

**ଜୀବନ ଚର୍ଚ୍ଚା – ୩ୟ**

## TRANSFORMATION OF CONSCIOUSNESS

**K.F.I. Annual Public Gathering 2015**

**Krishnamurti Foundation India, Rajghat Fort, Varanasi, India**

November 18 – 21, 2015

**Venue :** Rajghat Besant School, Varanasi is the venue for the Gathering.

**Arrival and Departure :** The Gathering will commence at 10:00 am on 18th of November, 2015 and conclude on 21st of November at 1:00 pm. Participants are expected to arrive by the evening of 17th November and depart on 21st November after lunch.

**Accommodation and Charges :** The total Gathering Fee (which includes the registration fee) per person for those working in India would be as follows : Rs. 3000/- for Dormitory Type accommodation; Rs. 3500/- per person in a room with double occupancy.

For reservations participants from India should send a non-refundable registration fee of Rs. 500 per person by D.D./Multi City Cheque/M.O. drawn in favour of 'KFI STUDY CENTRE', payable on any bank in Varanasi. This amount would be adjusted against the total gathering fee on arrival. The payment can also be done through direct deposit/transfer into our Axis Bank Account. The Account Name is : KFI STUDY CENTRE, and the Savings account number is : 287010100094027. IFSC code is UTIB0000287

Please intimate to us by email /post after you have transferred the amount.

**For Details please visit our website : www.j-krishnamurti.org**




## ପ୍ରକାଶ ପାଇଲା

## "ତୁମେ ହିଁ ଏ ଜଗତ"

ସମ୍ପର୍କ ମାଧ୍ୟମରେ ନିଜକୁ ଲକ୍ଷ୍ୟ କରି କେବଳ ଜଣେ ତା' ନିଜକୁ ଜାଣିଥାଏ। ଏହା ବ୍ୟତୀତ ନିଜକୁ ଦେଖିବାର ଅନ୍ୟ କୌଣସି ପନ୍ଥା ନାହିଁ। କାରଣ ଆମେ କେହି ପୃଥକ୍ ପୃଥକ୍ ମଣିଷ ଭାବେ ଜୀବନ ବିତାଉ ନାହିଁ; ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ଆମ ନିଜ ଚାରିପଟେ ଯେତେ ଯାହା ରହିଛି ସେହି ପ୍ରତ୍ୟେକଟି ସହିତ ସଂପର୍କ ରଖି ଆମେ ଜୀବନ ବିତାଇ ଥାଉ। ସେହି ସମ୍ପର୍କ ମାଧ୍ୟମରେ ଆମଠାରେ ଦେଖା ଦେଉଥିବା ପ୍ରତ୍ୟେକଟି ପ୍ରତିକ୍ରିୟା, ଭାବନା ଓ ଉଦ୍ଦେଶ୍ୟ ପ୍ରଭୃତି ପ୍ରକାଶ ପାଇଥାଏ। ସେଇ ସବୁକୁ ଲକ୍ଷ୍ୟ କରି ଦେଖିବା ଦ୍ୱାରା ନିଜେ ଆମେ କ'ଣ ବା କି ପ୍ରକାରର ମଣିଷ, ତାହା ସହଜରେ ଜାଣିଯାଇ ପାରିବୁ।

**ପୃ : ୨୭୨, ମୂଲ୍ୟ : ୯୦ ଟଙ୍କା, ମୁଦ୍ରଣ : ପ୍ରଥମ**

*"Thought cannot solve any human problem, for thought itself is the problem. The ending of knowledge is the beginning of wisdom."*

(Commentaries on Living Ch. 83)

**– J Krishnamurti**

*Published in January, May & September* Odia Periodical

*If undelivered, please return to:*

**Krishnamurti Foundation India Cuttack Centre,**
Purighat Road, Upper Telenga Bazar,
Cuttack-753 009. Odisha (INDIA)
Tel: (0671) 2526622 / 6417990, e-mail: jibanakatha@gmail.com
Website : www.kficc.org

Published by Saumitra Das on behalf of Cuttack Centre Krishnamurti Foundation India, Purighat Road, Upper Telenga Bazar, Cuttack-753 009. Printed by Graphic Art Offset Press, Nuapatna, Manglabag, Cuttack-1. Editor : Punya Prava Patnaik